# ଓଡିଶା ସୂଚନା କମିଶନ୍- ପୁନଶ୍ଚ ମତିଭ୍ରମ

## ଦେୟ-ପଇଠ ମାଧ୍ୟମର ଗୁରତ୍ୱ

ପାଠକେ ଜାଣିଥିବେ, ସାଧାରଣ ଲୋକେ ସେମାନଙ୍କର ସୂଚନା ଅଧିକାରକୁ ସେତେ ସହଜରେ ପ୍ରୟୋଗ କରିପାରିବେ, ଯେତେବେଳେ କି ବିଭିନ୍ନ ବାବଦରେ ସେମାନଙ୍କୁ ଦେବାକୁ ପଡୁଥିବା ପ୍ରଦେୟ ରାଶିକୁ ପଇଠ କରିବା ପାଇଁ ବିଭିନ୍ନ ପ୍ରକାର ମାଧ୍ୟମ ସଂପୃକ୍ତ ନିୟମାବଳୀରେ ସ୍ଥିରିକୃତ ହୋଇପାରିବ । ଏହି କାରଣରୁ ହିଁ ସୂଚନା ଅଧିକାର ଆଇନ୍ ପ୍ରବର୍ତ୍ତନର ବାର୍ଷିକ ସମ୍ବତ୍ସର ଉପଲକ୍ଷେ ଗତ ୧୩-୧୫ ଅକ୍ଟୋବର ୨୦୦୬ରେ କେନ୍ଦ୍ରୀୟ ସୂଚନା କମିଶନ୍‌ଙ୍କ ଆହ୍ୱାନ୍‌ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଜାତୀୟ ସମ୍ମିଳନୀରେ ଯେଉଁ କେତୋଟି ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଥିଲା, ତନ୍ମଧ୍ୟରୁ ଗୋଟିଏ ଥିଲା, କେନ୍ଦ୍ର ଓ ରାଜ୍ୟସରକାରମାନେ ପ୍ରଦେୟ ପଇଠର ମାଧ୍ୟମ ସଂଖ୍ୟା ବଢାଇବା ଦରକାର । ଏଠାରେ ପୁଣି ଉଲ୍ଲେଖଯୋଗ୍ୟ ଯେ, କେନ୍ଦ୍ର ସରକାର ପ୍ରଦେୟ ପଇଠ ପାଇଁ ପ୍ରଥମେ କେବଳ ୨ଟି ମାଧ୍ୟମ ରଖିଥିଲେ, ନଗଦ ଅର୍ଥ ଏବଂ ବ୍ୟାଙ୍କ ଡ୍ରାଫ୍ଟ ; କିନ୍ତୁ ସିଭିଲ୍ ସୋସାଇଟି ସଂଗଠନମାନଙ୍କ ଦାବୀ ଫଳରେ ଗତ ୧୬ ମଇ ୨୦୦୬ରେ କେନ୍ଦ୍ରୀୟ ଗେଜେଟ୍‌ରେ ବିଜ୍ଞପ୍ତି ପ୍ରକାଶ କରି ସେମାନେ ଆଉ ଗୋଟିଏ ପ୍ରଦେୟ ପଇଠ ମାଧ୍ୟମକୁ ସ୍ୱୀକୃତି ଦେଇଛନ୍ତି, ତାହା ହେଲା, ଇଣ୍ଡିଆନ୍ ପୋଷ୍ଟାଲ୍ ଅର୍ଡର । ଅର୍ଥାତ୍ ବର୍ତ୍ତମାନ ଜଣେ ବ୍ୟକ୍ତି କୌଣସି କେନ୍ଦ୍ରୀୟ କର୍ତ୍ତୃପକ୍ଷଙ୍କ ପାଖରେ ଦରଖାସ୍ତ ଫି କିମ୍ବା ସୂଚନା ଫି ଜମା କରିବାକୁ ଚାହିଁଲେ, ସେ ସିଧାସଳଖ ନିକଟସ୍ଥ ଡାକଘରକୁ ଯାଇ ସେହି କର୍ତ୍ତୃପକ୍ଷଙ୍କ ସପକ୍ଷରେ ସଂପୃକ୍ତ ଅର୍ଥରାଶିର ଏକ ପୋଷ୍ଟାଲ୍ ଅର୍ଡର୍ ବାହାର କରାଇବେ ଏବଂ ତାକୁ ସେହି କର୍ତ୍ତୃପକ୍ଷଙ୍କ ପାଖକୁ ଡାକଯୋଗେ ପଠାଇବେ । ବ୍ୟାଙ୍କ ଡ୍ରାଫ୍ଟ ଠାରୁ ପୋଷ୍ଟାଲ୍ ଅର୍ଡର ଅଧିକ ଶସ୍ତା ଓ ସୁବିଧାଜନକ, କାରଣ ପ୍ରଥମତଃ ୧୦ଟଙ୍କାର ବ୍ୟାଙ୍କ ଡ୍ରାଫ୍ଟ ବାହାର କରିବା ପାଇଁ ୩୦ଟଙ୍କାର ବ୍ୟାଙ୍କ୍ ଚାର୍ଯ୍ୟ ଦେବାକୁ ପଡିଥାଏ, କିନ୍ତୁ ଏହାର ପୋଷ୍ଟାଲ୍ ଅର୍ଡର୍ ବାହାର କରିବାକୁ ମାତ୍ର ୧ଟଙ୍କା ଲାଗିଥାଏ । ଦ୍ୱିତୀୟତଃ ବ୍ୟାଙ୍କ୍‌ଗୁଡିକ ତୁଳନାରେ ପୋଷ୍ଟ ଅଫିସ୍ ସଂଖ୍ୟା ବେଶୀ; ବ୍ୟାଙ୍କ୍‌ଗୁଡିକ କେବଳ ସହରାଞ୍ଚଳ କି ପୌରାଞ୍ଚଳରେ ସୀମିତ ଥିବାବେଳେ ପୋଷ୍ଟ ଅଫିସ୍‌ଗୁଡିକ ନିପଟ ମଫସଲରେ ମଧ୍ୟ ଦେଖିବାକୁ ମିଳିଥାଏ ।

## ଓଡିଶା ନିୟମାବଳୀର ଉଦ୍ଭଟ ବ୍ୟବସ୍ଥା

ଲୋକଙ୍କ ସୂଚନା ଅଧିକାରରେ ସହାୟକ ହେବାପାଇଁ ଦେୟ-ପଇଠ ମାଧ୍ୟମର ଏଭଳି ଗୁରୁତ୍ୱ ଥିବାବେଳେ ଓଡିଶା ସୂଚନା ଅଧିକାର ନିୟମାବଳୀ ୨୦୦୫ରେ ଥିବା ବିଚିତ୍ର ବ୍ୟବସ୍ଥାକୁ ଦେଖି ବିସ୍ମିତ ହେବାକୁ ପଡେ । ୨୯ ମେ ୨୦୦୬ରେ ବିଜ୍ଞପ୍ତି ହୋଇଥିବା ସଂଶୋଧିତ ନିୟମାବଳୀ ମଧ୍ୟ ଏହି ପରିସ୍ଥିତକୁ କୌଣସି ପ୍ରକାରେ ସୁଧାରି ପାରିନି । ପାଠକେ ଜାଣିଥିବେ, ଓଡିଶା ନିୟମାବଳୀ ଅନୁଯାୟୀ ଦରଖାସ୍ତ 'ଫି'କୁ କେବଳ ନଗଦ ଅର୍ଥ କି ଟ୍ରେଜେରି ଚାଲାଣ ଜରିଆରେ ଦାଖଲ କରିହେବ । ଅର୍ଥାତ୍ ଜଣେ ଦରଖାସ୍ତକାରୀ ଯେତେ ଦୂରରେ ଥାଆନ୍ତୁ ନା କାହିଁକି, ତାଙ୍କୁ ବ୍ୟକ୍ତିଗତ ଭାବେ ସଂପୃକ୍ତ ଅଫିସ୍‌କୁ ଆସି ନଗଦ ଅର୍ଥ ଆକାରରେ ଏହାକୁ ଜମା ଦେବାକୁ ପଡିବ, ନଚେତ୍ ନିକଟସ୍ଥ ଟ୍ରେଜେରି ଅଫିସ୍‌କୁ ଯାଇ ନିର୍ଦ୍ଧାରିତ ଫର୍ମରେ ଆକାଉଣ୍ଟ କୋଡ୍ ( ଯାହାକି ଏକ ଲମ୍ବା ସାଂକେତିକ ଶବ୍ଦପୁଞ୍ଜ, ଯଥା- "0070-Other Administrative Services-60-Other Services-101-Receipt from Central Government for Administration of Central Acts and Regulations-9916710-Fees & Fines under Right to Information Act, 2005" ) ଲେଖି ସେଠାରେ ଜମାଦେଲେ, ସେଠୁଁ ମୋହର ଲଗା ଏକ ରସିଦ ମିଳିବ, ଯାହାକୁ ଦରଖାସ୍ତ ସହିତ ସଂଲଗ୍ନ କରିବାକୁ ପଡିବ । ସମସ୍ତେ ଜାଣନ୍ତି, ଗୋଟିଏ ରାଜ୍ୟରେ ଟ୍ରେଜେରି ସଂଖ୍ୟା ବହୁତ କମ୍, କେବଳ ସବ୍-କଲେକ୍ଟର ସ୍ତରର ସହରଗୁଡିକରେ ସାଧାରଣତଃ ଦେଖିବାକୁ ମିଳିଥାଏ । ଏହାଛଡା, ଏପ୍ରକାର ପ୍ରାବ୍ଧାନର ଆଉ ଏକ ଜଘନ୍ୟ ପରିଣତି ପରିଲକ୍ଷିତ ହୋଇଛି- ରାଜ୍ୟ ବାହାରେ ରହି କୌଣସି ବ୍ୟକ୍ତି ଓଡିଶାର ଅଫିସ୍‌ମାନଙ୍କୁ ସୂଚନା ପାଇଁ ମୋଟେ ଦରଖାସ୍ତ କରିପାରିବେନି, କାରଣ ସେମାନେ ଓଡିଶାର ଟ୍ରେଜରି ଚାଲାଣ ଫର୍ମ କେଉଁଠି ପାଇବେ ? କେବଳ ଦରଖାସ୍ତ କରିବା ନୁହେଁ, ଓଡିଶା ନିୟମାବଳୀ ଅନୁଯାୟୀ ପ୍ରଥମ କି ଦ୍ୱିତୀୟ ଅପିଲ୍ କରିବା ମଧ୍ୟ ଏକ ଦୁଃସାଧ୍ୟ ବ୍ୟାପାର । କାରଣ ପ୍ରଥମ ଓ ଦ୍ୱତୀୟ ଅପିଲ୍ ଫିସ୍, (ଯୋହାକି ମୂଳରୁ ବେଆଇନ୍, କାରଣ ଆଇନ୍‌ର ଧାରା ୨୭ ଅନୁଯାୟୀ ଏ ପ୍ରକାର ଫିସ୍ ଲାଗୁ ହେବା କଥା ନୁହେଁ ) ପଇଠ ପାଇଁ ଯଥାକ୍ରମେ ୨୦ ଓ ୨୫ଟଙ୍କାର କୋର୍ଟ ଫି ଷ୍ଟାମ୍ପ୍ ଅପିଲ୍ ଦରଖାସ୍ତରେ ସଂଲଗ୍ନ କରିବାକୁ ପଡିବ, ଅନ୍ୟ କୌଣସି ମାଧ୍ୟମରେ ଦେୟ ପଇଠ ଚଳିବ ନାହିଁ । ସମସ୍ତେ ଜାଣନ୍ତି, କୋର୍ଟ ଫି ଷ୍ଟାମ୍ପ କେବଳ ସହରାଞ୍ଚଳରେ ବିକ୍ରୀ ହୋଇଥାଏ । ତେଣୁ ଅପିଲ୍ କରିବାକୁ ହେଲେ ଜଣେ ବ୍ୟକ୍ତିଙ୍କୁ ନିକଟସ୍ଥ ସହରକୁ ଯେମିତି ହେଲେ ଦଉଡିବାକୁ ପଡିବ । ତା'ପରେ ଓଡିଶା ନିୟମାବଳୀ ଅନୁଯାୟୀ, ସୂଚନାର ମୂଲ୍ୟ, ନିରୀକ୍ଷଣର ମୂଲ୍ୟ ଓ ଇଲେକ୍ଟ୍ରନିକ୍ ମାଧ୍ୟମର ମୂଲ୍ୟ ଇତ୍ୟାଦିକୁ କେବଳ ନଗଦ ଅର୍ଥ ଆକାରରେ ହିଁ ପଇଠ କରିବାକୁ ପଡିବ । ଏହାର ନିରୋଳା ଅର୍ଥ ଏଇଆ ଯେ, ଆପଣ ଓଡିଶା ଭିତରେ କି ବାହାରେ ଯେତେ ଦୂରରେ ଥାଆନ୍ତୁ ନାଁ କାହିଁକି, ଆପଣଙ୍କୁ ସଂପୃକ୍ତ ଅଫିସ୍‌କୁ ବ୍ୟକ୍ତିଗତ ଭାବେ ଦଉଡି ଆସିବାକୁ ପଡିବ, କେବଳ ନଗଦ ଅର୍ଥ ପଇଠ କରିବା ପାଇଁ । ଏହିପରି ଦେୟ ପଇଠ ପାଇଁ ଉଦ୍ଭଟ ବ୍ୟବସ୍ଥାମାନ ଆମ ନିୟମାବଳୀରେ ଥିବାରୁ ସାଧାରଣ ଲୋକେ ସୂଚନା ଅଧିକାର ପ୍ରୟୋଗ ପ୍ରକ୍ରିୟାରୁ ଆପେଆପେ ଦୂରେଇ ଯାଉଛନ୍ତି । ଏ ପ୍ରକାର ବ୍ୟବସ୍ଥା 'ହାତରେ ନମାରି ଭାତରେ ମାରିବା' ନୀତିର ଜ୍ୱଳନ୍ତ ନିଦର୍ଶନ, ଏଥିରେ ସନ୍ଦେହ ଅଛି କି ?

## ରାଜ୍ୟ କମିଶନ୍ କ'ଣ କରିଛନ୍ତି ?

ଏହାହିଁ ଥିଲା ଅନ୍ୟତମ କାରଣ, ଯେଉଁଥିପାଇଁ ଏହି ଲେଖକ ସମେତ ରାଜ୍ୟର ଓ ରାଜ୍ୟ ବାହାରର ବହୁ ସିଭିଲ୍ ସୋସାଇଟି ସଂଗଠନ ଓଡିଶା ନିୟମାବଳୀକୁ ଏହାର ଜନ୍ମଦିବସରୁ ଅବୈଧ ଓ ଉଦ୍ଭଟ ବୋଲି କହି ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ସୂଚନା ରାଷ୍ଟ୍ରମନ୍ତ୍ରୀ ଓ ସୂଚନା କମିଶନଙ୍କୁ ଲଗାତାର ସ୍ମାରକପତ୍ର ଦେଇଆସିଛନ୍ତି (ଦ୍ରଷ୍ଟବ୍ୟ- www.orissarti.com) । ସୂଚନା ଅଧିକାରର ବିଶିଷ୍ଟ ପ୍ରବକ୍ତା ଶ୍ରୀମତୀ ଅରୁଣା ରାୟ ଗତ ଡିସେମ୍ବର ୨୦୦୬ରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଏବିଷୟରେ ମଧ୍ୟ ଅବହିତ କରିଛନ୍ତି । ଯଦିଓ ଏକଥା ବି ସତ, ରାଜ୍ୟର ଆଉ କେତେକ ସ୍ୱେଚ୍ଛାସେବୀ ସଂଗଠନ 'ସୂଚନା ଅଧିକାର ମଞ୍ଚ' ନାଁରେ ରାଜ୍ୟ କମିଶନଙ୍କ ଠାରୁ ସଲାସୁତୁରା ଭିତ୍ତିରେ ବିପୁଳ ଅର୍ଥରାଶି ନେଇ ଯେଉଁ ୧୦ ଦିନିଆ ସୂଚନା ଶିବିରର ନାଟକ ପ୍ରତି ଜିଲ୍ଲାରେ ପ୍ରଦର୍ଶନ କଲେ, ସେମାନେ ଅର୍ଥଦାତାଙ୍କ ପ୍ରତି ନିଜର ଆନୁଗତ୍ୟ ବଜାୟ ରଖିବା ପାଇଁ ସାଧାରଣ ଲୋକଙ୍କୁ ରାଜ୍ୟ ନିୟମାବଳୀ ସମ୍ବନ୍ଧରେ କୌଣସି

ନିରପେକ୍ଷ ଧାରଣା ଦେବା ପରିବର୍ତ୍ତେ ଏହାର ଏକପାଖିଆ ସ୍ତୁତିଗାନ୍ କଲେ । ଯାହାହେଉ, ମୂଳ ଆଇନ୍‌ର ଧାରା ୨୭ ଅନୁଯାୟୀ ନିୟମାବଳୀରେ ଥିବା କୌଣସି ଅସଂଗତିର ପ୍ରତିକାର କରିବାର ପ୍ରତ୍ୟକ୍ଷ କର୍ତ୍ତୃତ୍ୱ ରହିଛି ଖୋଦ୍ ରାଜ୍ୟ ସରକାର, ଯେ କି ବିଡମ୍ବନା କ୍ରମେ ଏବେବି ତୁଣ୍ଡି ବାନ୍ଧି ବସିଛନ୍ତି । ତା'ପରେ ଏ ବିଷୟରେ ମୁହଁ ଖୋଲି ପାରନ୍ତେ ରାଜ୍ୟ ସୂଚନା କମିଶନ୍, କାରଣ ମୂଳ ଆଇନ୍‌ର ଧାରା ୨୫(୫) ଅନୁଯାୟୀ କୌଣସି ଜନକର୍ତ୍ତୃପକ୍ଷଙ୍କର ଆଚରଣ ଯଦି ଆଇନ୍‌ର ଭାବ କି ଭାଷାକୁ ଉଲ୍ଲଂଘନ କରୁଥାଏ, ତେବେ କମିଶନ୍ ତହିଁର ସଂଶୋଧନ ଓ ସଂସ୍କାର ପାଇଁ ପରାମର୍ଶ ଦେଇପାରିବେ । ବର୍ତ୍ତମାନ ଆମେ ଦେଖିବା, ଦେୟ-ପଇଠର ମାଧ୍ୟମକୁ କେନ୍ଦ୍ରକରି ଓଡିଶା ନିୟମାବଳୀରେ ଥିବା ଅସଂଗତିକୁ ଦୂର କରିବା ପାଇଁ କମିଶନ୍ କ'ଣ କରିଛନ୍ତି ଏବଂ ଯାହା କରିଛନ୍ତି, ତାହା କେତେଦୂର ଆଇନତଃ ପ୍ରଭାବଶାଳୀ ?

## କମିଶନ୍‌ଙ୍କ ଅଧପନ୍ତରିଆ ସ୍ପଷ୍ଟୀକରଣ

ଗତ ଜାନୁଆରୀ ମାସ ଆରମ୍ଭରେ ରାଜ୍ୟ ସୂଚନା କମିଶନ୍ ତାଙ୍କ ୱେବ୍‌ସାଇଟ୍ (http://orissasoochanacommission.nic.in) ରେ ଆଉ ଏକ 'ପୁନଃ-ପୁନଃ ପ୍ରଶ୍ନ'କୁ ସ୍ଥାନିତ କରି ସେଥିରେ କେତେଗୁଡିଏ ସ୍ପଷ୍ଟୀକରଣ ଜାରି କରିଛନ୍ତି । ସେଥିମଧ୍ୟରୁ ଗୋଟିଏ ହେଲା, "ପ୍ରଶ୍ନ- ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ନିୟମାବଳୀ ଏବଂ ଏହାର ସଂଶୋଧନ ଅନୁଯାୟୀ ନଗଦ ଅର୍ଥ ସ୍ଥାନରେ ମନି ଅର୍ଡର କି ବ୍ୟାଙ୍କ୍ ଡ୍ରାଫ୍ଟ ମାଧ୍ୟମରେ ଦେୟ-ପଇଠ କରାଯାଇ ପାରିବ କି ? ଉତ୍ତର- ମନି ଅର୍ଡର ବା ବ୍ୟାଙ୍କ୍ ଡ୍ରାଫ୍ଟ ହେଉଛି ନଗଦ ଅର୍ଥ ଭଳିଆ । ତେଣୁ ଦରଖାସ୍ତ ଫି କିମ୍ବା ସୂଚନା ପ୍ରାପ୍ତି ବାବଦ ଫି ବାବଦରେ ଯେଉଁଠି ନଗଦ ଅର୍ଥ ପଇଠ କରିବା ଆବଶ୍ୟକ, ସେପରି ସ୍ଥଳେ ଜଣେ ନିଜେ ବା ନିଜର ବାର୍ତ୍ତାବହଙ୍କ ଜରିଆରେ ନଗଦ ଅର୍ଥ ପଇଠ କରିପାରିବେ, ନଚେତ୍ ମନି ଅର୍ଡର ବା ବ୍ୟାଙ୍କ ଡ୍ରାଫ୍ଟ ଜରିଆରେ ଏହା ପଠାଇପାରିବେ । ଚେକ୍ କିମ୍ବା ପୋଷ୍ଟାଲ୍ ଅର୍ଡର ଗ୍ରହଣୀୟ ହେବ ନାହିଁ ।" କମିଶନ୍‌ଙ୍କ ଏହି ସ୍ପଷ୍ଟୀକରଣ ତିନୋଟି ପ୍ରଶ୍ନକୁ ଜନ୍ମ ଦିଏ; ପ୍ରଥମତଃ ମନିଅର୍ଡର ଗ୍ରହଣୀୟ ହେଉଥିଲା ବେଳେ ପୋଷ୍ଟାଲ୍ ଅର୍ଡର କାହିଁକି ନୁହେଁ, ବିଶେଷକରି ଯେତେବେଳେ ସର୍ବଭାରତୀୟ ସ୍ତରରେ ଏହାର ଗ୍ରହଣୀୟତା କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱୀକୃତ ହୋଇଛି ? ଦ୍ୱିତୀୟତଃ ଅପିଲ୍ ଫି ପଇଠ କରିବା କ୍ଷେତ୍ରରେ ଏହି ନୂତନ ମାଧ୍ୟମଗୁଡିକ ବ୍ୟବହାର କରିବାରେ ବାଧା କେଉଁଠି ? ତୃତୀୟ ଏବଂ ଅଧିକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଲା, କମିଶନ୍‌ଙ୍କ ଏହି ଇଣ୍ଟରନେଟୀୟ ସ୍ପଷ୍ଟୀକରଣକୁ ରାଜ୍ୟର ଜନକର୍ତ୍ତୃପକ୍ଷମାନେ ମାନିବାକୁ ବାଧ୍ୟ କି, ବିଶେଷକରି ଯେତେବେଳେ ଫି ସଂକ୍ରାନ୍ତୀୟ ନିୟମ ପ୍ରଣୟନ କରିବା ହେଉଛି ରାଜ୍ୟ ସରକାରଙ୍କର ଏବଂ ତାହା ପୁଣି ଯେପର୍ଯ୍ୟନ୍ତ ଗେଜେଟ୍‌ରେ ବିଜ୍ଞପ୍ତି ନହୋଇଛି ?

## ବର୍ତ୍ତମାନ କମିଶନ୍ କ'ଣ କରିବା ଉଚିତ୍

ଯାହା ହେଉନା କାହିଁକି, ମୋଟେ ନହେବା ଅପେକ୍ଷା ବିଳମ୍ବରେ ହେବା ଭଲ, ତଥା ନାହିଁମାମୁଁ ଠାରୁ କଣାମାମୁଁ ଭଲ । ଏହି ନ୍ୟାୟରେ ତ୍ରୁଟିପୂର୍ଣ୍ଣ ଓଡିଶା ନିୟମାବଳୀ ଘୋଷଣା ହେବାର ପ୍ରାୟ ୧୫ମାସ ବିତିଗଲା ପରେ ଦେୟ-ପଇଠକୁ କେନ୍ଦ୍ର କରି କମିଶନ୍‌ଙ୍କ ଭିତରେ ଯେଉଁ ଟିକିଏ ଚେତା ପଶିଛି, ତାହା ନିଶ୍ଚୟ ସ୍ୱାଗତଯୋଗ୍ୟ । କିନ୍ତୁ କମିଶନ୍ ମନେ ରଖିବା ଦରକାର, ଯେ ପର୍ଯ୍ୟନ୍ତ ମନିଅର୍ଡର କି ପୋଷ୍ଟାଲ୍ ଅର୍ଡର ଭଳି ସହଜ ମାଧ୍ୟମଗୁଡିକୁ ରାଜ୍ୟ ସରକାର ଗ୍ରହଣ କରି ଗେଜେଟ୍‌ରେ ବିଜ୍ଞପ୍ତି କରିନାହାନ୍ତି, ସେପର୍ଯ୍ୟନ୍ତ ରାଜ୍ୟର କୌଣସି ଜନକର୍ତ୍ତୃପକ୍ଷ ଆଇନତଃ ଏହାକୁ ସ୍ୱୀକାର କରିବାକୁ ବାଧ୍ୟ ନୁହଁନ୍ତି, ଏବଂ କମିଶନ୍‌ଙ୍କ ସ୍ପଷ୍ଟୀକରଣ କେବଳ ତାଙ୍କ ୱେବ୍‌ସାଇଟ୍‌ର ଶୋଭା ବର୍ଦ୍ଧନ କରୁଥିବ । ସୁତରାଂ କମିଶନ୍ ଯଦି ପ୍ରକୃତରେ ଚାହାଁନ୍ତି, ଲୋକେ ଦେୟ-ପଇଠର ନୂଆନୂଆ ଓ ସରଳ ମାଧ୍ୟମଗୁଡିକର ଉପଯୋଗ କରି ସେମାନଙ୍କର ସୂଚନା ଅଧିକାରକୁ ବ୍ୟାପକ ଭାବେ ସାବ୍ୟସ୍ତ କରନ୍ତୁ , ତେବେ ସେ ପ୍ରଥମେ ପୋଷ୍ଟାଲ୍ ଅର୍ଡର୍‌କୁ ଆଉ ଏକ ମାଧ୍ୟମ ରୂପେ ନିଜେ ଗ୍ରହଣ କରିବେ; ଦ୍ୱିତୀୟତଃ ଅପିଲ୍ ଫି ସମେତ ସବୁପ୍ରକାର ଦେୟ ପଇଠ ପାଇଁ ଏହି ସରଳ ମାଧ୍ୟମଗୁଡିକୁ ନିଜେ ସର୍ବାନ୍ତକରଣରେ ଗ୍ରହଣ କରିବେ; ଏବଂ ସର୍ବୋପରି ଏହି ସରଳ ମାଧ୍ୟମଗୁଡିକୁ ରାଜ୍ୟ ସରକାର ବିଧିବଦ୍ଧ ମାନ୍ୟତା ଦେବାପାଇଁ ଗେଜେଟ୍‌ରେ ବିଜ୍ଞପ୍ତି ପ୍ରକାଶ କରିବା ସକାଶେ କମିଶନ୍ ଆଇନ୍‌ର ଧାରା ୨୫(୫) ବଳରେ ସ୍ୱତନ୍ତ୍ର ଚିଠି ଲେଖି ସରକାରଙ୍କ ଉପରେ ଚାପ ପ୍ରୟୋଗ କରନ୍ତୁ ।

Chitta Behera, 4A Jubilee Tower, Choudhury Bazar, Cuttack-9, Mobiles: 9861091455, 9437577546, dt 14.2.2007